## ଜିଲ୍ଲା ସ୍ତରୀୟ କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ନେଇ କର୍ମଶାଳା :






ଚଳିତ ନଭେମ୍ବର ମାସ ୮ ତାରିଖରେ ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ୧୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ କୃଷକ ଉତ୍ପାଦକ ଗୋଷ୍ଠୀର ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବୋର୍ଡ ଅଫ୍ ଡାଇରେକ୍ଟରମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ନାବାର୍ଡର ଜିଲ୍ଲା ମୁଖ୍ୟ ଡ. ବିବେକ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକ ଉତ୍ପାଦକ ଗୋଷ୍ଠୀର କିଭଳି ଉନ୍ନତି ତଥା ଲାଭବାନ ହୋଇପାରିବେ ସେଥିପ୍ରତି ଆଲୋକପାତ କରିଥିଲେ; ତା ସହିତ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ଓ କୃଷି ସଂପ୍ରସାରଣ ବୈଜ୍ଞାନିକ, ଜିଲ୍ଲା ଉଦ୍ୟାନ ବିଭାଗର ଡେପୁଟି ନିର୍ଦ୍ଦେଶକ, ଜଳ ବିଭାଜିକାର ଉପ ପ୍ରକଳ୍ପ ନିର୍ଦ୍ଦେଶକ, ମହାଶକ୍ତି ଫାଉଣ୍ଡେସନ, ଦେବଦତ କ୍ଲବ ଓ ତ୍ରିରଙ୍ଗା ଯୁବ ସଙ୍ଗଠନର ନିର୍ଦ୍ଦେଶକମାନେ ଯୋଗ ଦେଇ କୃଷକ ଗୋଷ୍ଠୀର କିଭଳି ଉନ୍ନତି ହୋଇପାରିବ ସେଥିପ୍ରତି ବିଭିନ୍ନ ସୂଚନା ଓ ଦିଗଦର୍ଶନ ଦେଇଥିଲେ ।

## ମାଆଙ୍କ ପାଇଁ ବୃକ୍ଷଟିଏ :





ଅକ୍ଟୋବର ମାସ ୫ ତାରିଖରେ ମାଆଙ୍କ ପାଇଁ ଗୋଟିଏ ବୃକ୍ଷ କାର୍ଯ୍ୟକ୍ରମ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ବିଜେପି କୃଷକ ମୋର୍ଚ୍ଚାର ଅଧ୍ୟକ୍ଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣର ମହତ୍ତ୍ୱ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚାଷୀଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ତା'ଛଡା ଭିନ୍ନ ତାରିଖରେ ଛାତ୍ର ଛାତ୍ରୀ, ଚାଷୀ, କୃଷି ଅଧିକାରୀ ଓ ବୈଜ୍ଞାନିକଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁଡିକ ବିଭିନ୍ନ ଗ୍ରାମ ଓ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ।

## ଜାତୀୟ ଜଳବାୟୁ ସହନଶୀଳ କୃଷି ପ୍ରକଳ୍ପ ଅନ୍ତର୍ଗତ କ୍ଷେତ୍ର ପ୍ରଦର୍ଶନୀ :

ଜାତୀୟ ଜଳବାୟୁ ସହନଶୀଳ କୃଷି ଜ୍ଞାନକୌଶଳ ପକଳ୍ପ ଅନ୍ତର୍ଗତରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ବିଭିନ୍ନ କ୍ଷେତ୍ର ପ୍ରଦର୍ଶନ କରାଯିବା ସହିତ ଚାଷୀମାନଙ୍କୁ କୃଷିରେ ଉନ୍ନତ ଜ୍ଞାନକୌଶଳ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଅଛି । ଆଗଧାଡି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଯଥା ମରୁଡି ସହନଶୀଳ ଧାନ କିସମ ସ୍ୱର୍ଣ୍ଣଶ୍ରେୟା, ଜଳବାୟୁ ସହନଶୀଳ ମୁଗ କିସମ- ଶିଖା, ବହୁରୋଗ ପ୍ରତିରୋଧକ ଶକ୍ତି ନିହିତ ବିଲାତି ବାଇଗଣ କିସମ ଅର୍କ ରକ୍ଷକ, ଜିଆଖତ ଉତ୍ପାଦନ, ବାଡି ଅଗଣାରେ କୁକୁଡା (ପଲ୍ଲିଶ୍ରୀ) ପାଳନ, ଖଣିଜ ମିଶ୍ରଣ ଏବଂ ବାଇପାସ୍ ଫ୍ୟାଟ୍ ମାଧ୍ୟମରେ ଗାଈମାନଙ୍କ ଖାଦ୍ୟ ପରିଚାଳନା ଇତ୍ୟାଦିର ସଫଳ କ୍ଷେତ୍ର ପ୍ରଦର୍ଶନ କରାଯାଇଅଛି । ମରୁଡି ସହନଶୀଳ ଧାନ କିସମ ସ୍ୱର୍ଣ୍ଣଶ୍ରେୟାର ଉତ୍ପାଦନ ହେକ୍ଟର ପ୍ରତି ୪୦.୮କ୍ୱି. ଯାହାକି ଚାଷୀଙ୍କ ପ୍ରଚଳିତ କିସମ (ନବୀନ) ଠାରୁ ହେକ୍ଟର ପ୍ରତି ହାରାହରି ୭କ୍ୱି. ଅଧିକ ଥିଲା । ଜଳବାୟୁ ସହନଶୀଳ ମୁଗ କିସମ ଶିଖାର ହେକ୍ଟର ପ୍ରତି ଉତ୍ପାଦନ ୯.୪କ୍ୱି. ଯେତେବେଳେ ଝାଇଁ ମୁଗର ହେକ୍ଟର ପ୍ରତି ଉତ୍ପାଦନ ୭.୬କ୍ୱି. ଥିଲା । ହେକ୍ଟର ପ୍ରତି ବିଲାତି ବାଇଗଣ କିସମ ଅର୍କ ରକ୍ଷକର ଉତ୍ପାଦନ ୨୨୦କ୍ୱି. ଯେତେବେଳେ କି ଦେଶୀ କିସମର ହାରାହାରି ଉତ୍ପାଦନ ହେକ୍ଟର ପ୍ରତି ୧୫୦କ୍ୱି. ଥିଲା । ପଲ୍ଲିଶ୍ରୀ କୁକୁଡାର ଶରୀର ଓଜନ ୨ ମାସ ବୟସରେ ହାରାହାରି ୮୨୦ଗ୍ରା. ହୋଇଥିଲା ବେଳେ ଦେଶୀ କୁକୁଡାର ଓଜନ ହାରାହାରି ୪୩୦ଗ୍ରା. ହୋଇଥିଲା । ଖଣିଜ ମିଶ୍ରଣ ଏବଂ ବାଇପାସ୍ ଫ୍ୟାଟ୍ ପ୍ରଦାନ କରାଯାଇଥିବା ଗାଈର ଦୈନିକ ଦୁଗ୍ଧ ଉତ୍ପାଦକ ହାରାହାରି ୯.୨ଲି. ହୋଇଥିଲା ଏବଂ ଦୁଗ୍ଧରେ ସ୍ନେହସାର ପରିମାଣ ବଢିଥିବାରୁ ଦୁଗ୍ଧର ବଜାର ମୂଲ୍ୟ ବୃଦ୍ଧି ପାଇଥିଲା ।










ମୁଖ୍ୟ ସମ୍ପାଦକ - ଡଃ ସତ୍ୟମୟ ଶତପଥୀ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
ସମ୍ପାଦକ - ଡ. ତପନ କୁମାର ପଲାଇ
(ବୈଜ୍ଞାନିକ, ପ୍ରାଣୀ ବିଜ୍ଞାନ)

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର
ସମ୍ପାଦନା ମଣ୍ଡଳୀ : ମନୋଜ କୁମାର ବାରିକ, ସୁଦର୍ଶନା କର, ଦେବଶ୍ରୀ ସରକାର, ସାଗରିକା ମୁନା, ଜ୍ୟୋତିପ୍ରକାଶ ସାହୁ, ରବିନାରାୟଣ ଶତପଥୀ


OUAT

ICAR

# ହରିଶଙ୍କର

## କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର

ଜାନୁଆରୀ - ନଭେମ୍ବର ୨୦୨୪

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିର କୃଷି ତଥା ଆନୁଷଙ୍ଗିକ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଚାର ଓ ପ୍ରସାରଣ କରି ଜିଲ୍ଲାର କୃଷକ, କୃଷିଜୀବୀ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ତଥା କୃଷକ ଉତ୍ପାଦକ ସଂଗଠନମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି କରିବା ପାଇଁ ନିରନ୍ତର ପ୍ରଚେଷ୍ଟା କରିଛି ଏବଂ ଅନେକ ସଫଳତା ପାଇ ପାରିଛି । କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ନିମନ୍ତେ ନୂତନ ଜ୍ଞାନକୌଶଳ ତଥା ଜଳବାୟୁ ଅନୁକୂଳ କୃଷିକୁ ଚାଷୀ କ୍ଷେତ୍ରରେ ଗବେଷଣା ଓ ଆଗୁଆ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର କୃଷି ଓ ଆନୁସଂଗିକ କୃଷି ଯଥା - ପ୍ରାଣୀ ପାଳନ, ଛତୁଚାଷ, କୃଷିର ମହିଳା ସଶକ୍ତିକରଣ ଏବଂ କୃଷକ ଉତ୍ପାଦକ ସଂଗଠନର ଦକ୍ଷତା ବୃଦ୍ଧି ଆଦି ବିଷୟରେ ତାଲିମ ପ୍ରଦାନ କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର ପରିସର ବିଭିନ୍ନ ଜ୍ଞାନକୌଶଳ ପ୍ରଦର୍ଶନୀ କ୍ଷେତ୍ର ଅବସ୍ଥିତ ଯାହା କୃଷି ବିଜ୍ଞାନ କେନ୍ଦ୍ରକୁ ଆସୁଥିବା ସମସ୍ତ ଚାଷୀ ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ବୁଝିବାରେ ସାହାଯ୍ୟ ହୁଏ । ଆହୁରି ମଧ୍ୟ ଫାର୍ମରେ ଉନ୍ନତମାନର ବିହନ ଓ ଚାରା ଉତ୍ପାଦନ କରାଯାଏ, ଯାହାଦ୍ୱାରା ନୂତନ କିସମ ଜିଲ୍ଲାର ଚାଷୀଙ୍କ ପାଖରେ ସହଜରେ ଉପଲବ୍ଧ ହୋଇପାରେ । କୃଷି ବିଜ୍ଞାନ କେନ୍ଦ୍ର ଜିଲ୍ଲାର କୃଷକମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ସଦୃଶ । ନୂତନ ଜ୍ଞାନକୌଶଳକୁ ନେଇ ଜିଲ୍ଲାର ସମସ୍ତ କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀ ଏବଂ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସାହାଯ୍ୟ କରିଆସୁଛି । ଆଶା ଏହି ହରିଶଙ୍କର ପତ୍ରିକାଟି ଜିଲ୍ଲାର ସବୁ ବର୍ଗର ଜନ ସାଧାରଣଙ୍କ ନିକଟରେ ଆଦୃତ ହେବ ।

ସତ୍ୟମୟ ଶତପଥୀ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

